# Akashvani, Sambalpur

## SAMBALPURI NEWS EVENING BULLETIN

## 17 April 2025- 7.02 pm- 7.12 pm.

***********************************************

୧- ଓଡ଼ିଶା ନ ୪ ହଜାର୍ ଶହେ ୩୨ କୋଟି ଟଙ୍କାର୍ ୧୯ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ନିହି ପକାଲେ କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରୀ ।

- ୫ ହଜାର୍ କୋଟି ଟଙ୍କାର୍ ବାଇପାସ୍ ପ୍ରକଳ୍ପର୍ କଲେ ଘୋଷ୍‌ନା ।

୨- ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ୍‌ଥି ୩ ଟା ନୂଆଁ ବାଟାଲିୟନ୍ ଗଠନ୍ କଲେ ରାଜ୍ୟ ସର୍‌କାର୍, ବଢ଼ାଲେ ପାରିଶ୍ରମିକ୍ ।

୩- ସମ୍ବଲ୍‌ପୁର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ଲାଗି ଆଏଜ୍‌ଠାନୁ ମୁଳ୍ ହେଲା ପଞ୍ଜିକରଣ୍ ।

ଆଉର୍

୪- ରାଏଜେ କାଲ୍‌ବୈଶାଖୀର୍ ବଲେ ଆଏବା ୪ ଦିନ୍‌ତକ୍ ଲାଗି ରହେବା ଧୁକାଗର୍ଡ଼ି ଆର୍ ବର୍ଷା ।

ନିତିନ୍ ଗଡ଼୍‌କରୀ-ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନିତିନ୍ ଗଡ଼୍‌କରୀ ଆଏଜ୍ ଓଡ଼ିଶା ନ ୪ ହଜାର୍ ଶହେ ୩୨ କୋଟି ଟଙ୍କାର୍ ୧୯ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ନିହି ପକେଇଛନ୍ । ଶ୍ରୀ ଗଡ଼୍‌କରୀ ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ପଡ଼ିଆଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ୨ ହଜାର୍ ୯ ଶହ ୫ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବାର୍ ୧୩ ଟା ଜାତୀୟ ରାଜ୍‌ପଥ୍, ୪ ଶହ ୨୭ କୋଟି ଟଙ୍କା ଖର୍ଚ୍ଚାଥି ୪ ଟା ସି.ଆର୍.ଆଇ.ଏଫ୍. ସେତୁର ଶିଲାନ୍ୟାସ୍ କରିଛନ୍ । ସେନ୍ତା ୮ ଶହ ୪୧ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୨ ଟା ରାଜ୍‌ପଥ୍‌କେ ଶ୍ରୀ ଗଡ଼୍‌କରୀ ଉଦ୍‌ଘାଟନ୍ କରିଛନ୍ । ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ୮ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ରାଂଚି-ସମ୍ବଲ୍‌ପୁର ୨ ନମ୍ବର୍ କରିଡ଼ର୍, ୭ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ଭୁବ୍‌ନେଶ୍ୱର୍ ୬ ଥାକିଆ ରିଂରୋଡ଼୍ ପ୍ରମୁଖ ରହିଛେ । ଇ ଅବ୍‌ସରେ ଶ୍ରୀ ଗଡ଼୍‌କରୀ ମୁଖ୍ୟମନ୍ତ୍ରୀ ସିଆର୍‌ଆଇଏଫ୍ ପାଣ୍ଠି ବାବଦ୍ ୮ ଶହ କୋଟି ଟଙ୍କାର୍ ଦାବିକେ ସଭା ଠାନେ ହିଁ ମଞ୍ଜୁରୀ ଦେଇଛନ୍ । ସେନ୍ତା ଶ୍ରୀ ଗଡ଼୍‌କରୀ ୫ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ବ୍ରହ୍ମପୁର୍, ସମ୍ବଲ୍‌ପୁର୍, ବଲାଙ୍ଗିର, ନୟାଗଡ଼୍ ଆର୍ ଝାର୍‌ସୁଗୁଡ଼ା ନ ବାଇପାସ୍ ପ୍ରକଳ୍ପର୍ ଘୋଷ୍‌ନା କରିଛନ୍ । ଓଡ଼ିଶା ନ ୨ ଲାଖ୍ କୋଟି ଟଙ୍କାର୍ ପ୍ରକଳ୍ପ କାମ୍ ଚାଲୁ ରହିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀଗଡ଼୍‌କରୀ କହିଛନ୍ ।

(ଭଏସ୍ ଓଭର୍- ନୀତିନ୍ ଗଡ଼୍କରୀ)

ଡକ୍ଟର୍ ହରେକୃଷ୍ଣ ମହତାବ୍ ଜୟନ୍ତୀ  ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁନୁଷ୍ କେତେ ଦିନ୍ ବଁଚ୍‌ବା, ସେଟା ଜରୁରୀ ନୁହେଁ, ହେଲେ କେନ୍ତା ହିସାବେ ବଁଚୁଛେ ସେଟା ଜରୁରୀ ଆଏ, ଇଟା ଆମ୍‌କୁ ଡକ୍ଟର୍ ହରେକୃଷ୍ଣ ମହତାବ୍ ଙ୍କର୍ ଜୀବନୀନୁ ଶିଖ୍‌ବାର୍‌କେ ମିଲିଛେ ବଲି କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରୀ ନୀତିନ୍ ଗଡ଼୍କରୀ କହିଛନ୍ । ଆଘର୍ ମୁଖ୍ୟମନ୍ତ୍ରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ଅବ୍‌ସରେ କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଲୟ ଠାନେ ହେଇଥିବା 'ଭିତିଭୂମିର ବିକାଶ୍ ଆଉ ଓଡ଼ିଶା' ଶୀର୍ଷକ୍ ଆଲୋଚନାଚକ୍ର ଆଉ ଜାତୀୟ ସମ୍ମିଳନୀଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼୍କରୀ କହିଛନ୍, ଓଡ଼ିଶାର୍ ଶିକ୍ଷାର୍ ବିକାଶ୍ କରିକରି ଡକ୍ଟର୍ ମହତାବ୍ ପ୍ରମାଣିତ୍ କରିଥିଲେ ଯେ, ଆତ୍ମବିଶ୍ୱାସ୍ ସଙ୍ଗେ ଜ୍ଞାନ୍‌ର ସଂଯୋଗ୍ ରହେବାର୍‌ଟା ନିହାତି ଜରୁରୀ ଆଏ । ପାଏନ୍, ବିଜ୍‌ଲି, ପରିବହନ୍ ଆଉ ଯୋଗାଯୋଗ ଇ ୪ ଟା ମୁଖିଆ ବିନ୍ଦୁ ଜରିଏ ଓଡ଼ିଶାର୍ ବିକାଶ୍ ସମ୍ଭବ୍ ବଲି ଶ୍ରୀ ଗଡ଼୍କରୀ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି  ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ହରେକୃଷ୍ଣ ମହତାବ୍‌ଙ୍କୁ ଓଡ଼ିଶାର୍ ସର୍ଦ୍ଦାର୍ ପଟେଲ୍ ବଲି ବର୍ଣ୍ଣନା କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ସାଂସଦ୍ ଭର୍ତ୍ତୃହରି ମହତାବ୍‌ଙ୍କର୍ ସହେତେ ଅଲ୍‌ଗା ଅତିଥିମାନେ ଉପସ୍ଥିତ୍ ଥିଲେ ।

କେନ୍ଦ୍ରମନ୍ତ୍ରୀ ଜିତନ୍ ରାମ୍ ମାନ୍‌ଝୀ ଆର୍‌ଏନ୍‌ୟୁ/ କଟକ୍

ଦେଶେ ବେରୋଜ୍‌ଗାରୀ ସମସ୍ୟାକେ ଦୂର୍ କର୍‌ବାର୍ ଲାଗି ଏମ୍‌ଏସ୍‌ଏମ୍‌ଇ ବିଭାଗ୍ ଚେରେଷ୍ଟା ଜାରି ରଖିଛେ ବଲି କେନ୍ଦ୍ରମନ୍ତ୍ରୀ ଜିତନ୍ ରାମ୍ ମାନ୍‌ଝୀ କହିଛନ୍ । ଭିନ୍ ଭିନ୍ ଷ୍ଟାଟ୍‌ଅପ୍ ଯୋଜ୍‌ନା ଜରିଏ ୟୁଆନ୍ ପିଢ଼ିକେ ବର୍‌କସ୍ ଆର୍ ଆତ୍ମନିର୍ଭର୍ କର୍‌ବାର୍ ଲାଗି ସର୍‌କାର୍ ଜୋର୍ ଦଉଛନ୍ ବଲି ସେ କହିଛନ୍ । ଭୁବ୍‌ନେଶ୍ୱର୍ ନ ଥିବା କେନ୍ଦ୍ରୀୟ ଟୁଲ୍ ରୁମ୍ ଆଉ ତାଲିମ୍ କେନ୍ଦ୍ର- ସି.ଟି.ଟି.ସି ପରିଦର୍ଶନ୍ ସମିଆଥି ଶ୍ରୀ ମାନ୍‌ଝୀ କହିଛନ୍ ଯେ, ପୂର୍ବୋଦୟ ବିକାଶ୍‌ଥି ହିଁ ଦେଶର୍ ବିକାଶ୍ ସମ୍ଭବ୍ ହେଇପାର୍‌ବା । ଦେଶର୍ ମହାକାଶ୍ ଅଭିଯାନ୍‌ଥି ଇ କେନ୍ଦ୍ରର୍ ଭୂମିକା ଅତି ଜରୁରୀ ବଲି ମନ୍ତ୍ରୀ ଶ୍ରୀ ମାନ୍‌ଝୀ କହିଛନ୍ । ଇ ଅବ୍‌ସରେ ଶ୍ରୀ ମାନ୍‌ଝୀ ସି.ଟି.ଟି.ସି.ର ଭବିଷ୍ୟତ୍‌ର କାମ୍‌କାଜ୍ ବାବ୍‌ଦେ କହିଛନ୍ ।

ପାରିଶ୍ରମିକ ବୃଦ୍ଧି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସରୁ ୩ ଟା ନୂଆଁ ବାଟାଲିୟନ୍ ଗଠନ୍ କରିଛନ୍ । ଇଥି କାମ୍ କରୁଥିବା ସେନା ଆର୍ ନେଭି ର ଆଘର୍ ସୈନିକ୍ ଆଉ କେନ୍ଦ୍ରୀୟ ସଶକ୍ତ ବାହିନୀ କର୍ମଚାରୀମାନ୍‌କର୍ ମାସିକ୍ ପାରିଶ୍ରମିକ୍‌କେ ରାଜ୍ୟ ସର୍କାର୍ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅନୁମୋଦନ୍‌ଥି ସିପାହୀମାନ୍‌କର୍ ମାସିକ୍ ପାରିଶ୍ରମିକ୍‌କେ ୩୦ ହଜାର୍‌ନୁ ୪୫ ହଜାର୍‌କେ ବଢ଼ାଯାଇଛେ । ସେନ୍ତା ନାଏକ୍ ଆର୍ ହାବିଲ୍‌ଦାର୍ ମାନ୍‌କର୍ ପାରିଶ୍ରମିକ୍‌କେ ୩୨ ହଜାର୍‌ନୁ ୫୦ ହଜାର୍, ଜୁନିଅର୍ କମିଶନ୍ ଅଫିସର୍ ମାନ୍‌କର୍ ପାରିଶ୍ରମିକ୍‌କେ ୪୦ ନୁ ୫୫ ହଜାର୍‌କେ ବଢ଼ାଯାଇଛେ ।

ନୂଆଁ ପଦ୍‌ବୀ        ସିଏମ୍‌ଓ

ରାଜ୍ୟର୍ ଟ୍ରାଫିକ୍ ଆଉ ସଡ଼କ୍ ସୁରକ୍ଷା ବ୍ୟବସ୍ଥାକେ ଶୃଙ୍ଖଲିତ୍ ଆଉ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟର୍ ଟ୍ରାଫିକ୍ ଶାଖାଥି ୨ ହଜାର୍‌ଟା ନୂଆଁ ପଦ୍‌ବୀ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ ଦେଇଛନ୍ । ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାଥି ୭୦ ଟା ନୂଆଁ ପଦ୍‌ବୀ ସହେତେ ଜିଲ୍ଲାସ୍ତର୍‌ଥି ୧ ହଜାର୍ ୯ ଶହ ୩୦ ଟା ପଦ୍‌ବୀ ସୃଷ୍ଟି କରାଯାଇଛେ । ଯେନ୍‌ଥିର୍ ଲାଗି ରାଜ୍ୟର୍ ଟ୍ରାଫିକ୍ ବ୍ୟବସ୍ଥା ବର୍‌କସ୍

ହେବାର୍ ସହେତେ ସଡ଼କ୍ ସୁରକ୍ଷା କ୍ଷେତ୍ରଥି ଓଡ଼ିଶା ଅଲ୍‌ଗା ରାଜ୍ୟ ମାନ୍‌କର୍ ଲାଗି ଉଦାହରଣ୍ ହେବା ବଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ । ସେନ୍ତା ରାଏଜେ ବଢୁଥିବା ସାଇବର୍ ଆଉ ଅର୍ଥନୈତିକ ଅପରାଧ୍‌କେ ରୁକ୍‌ବାର୍ ଲାଗି ସାଇବର୍ ଥାନା ସଂଖ୍ୟାକେ ସର୍‌କାର୍ ୧୪ ନୁ ୩୪ କେ ବଢ଼େଇଛନ୍ । ଇତାର୍‌ସହେତେ ନୂଆଁ ସାଇବର୍ ଥାନା ଲାଗି ୯ ଶହ ୮୭ ଟା ନୂଆଁ ପଦ୍‌ବୀକେ ଭିଲ୍ ମଞ୍ଜୁର୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ଜନଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ତାରିଖ୍ ସୋମ୍‌ବାର୍ ଦିନ ସମ୍ବଲପୁର୍ ନ ଜନ ଅଭିଯୋଗ୍ ଶୁଣାଣି କର୍‌ବେ । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଲୟ ଠାନେ ହେବାର୍‌କେ ଥିବା ଜନଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ସାଧାରଣ୍ ଲୁକେ www.janasunani.odisha.gov.in ଆଉ ଜନଶୁଣାଣି ମୋବାଇଲ୍ ଆପ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ । ଶିବିର୍ ଲାଗି ହଜାରେ ଝନ୍ ତକ୍ ପଞ୍ଜିକରଣ୍ କରିପାର୍‌ବେ । ଆବେଦନ୍‌କାରୀମାନେ ସେମାନ୍‌କର୍ ପଞ୍ଜିକୃତ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଅଭିଯୋଗ୍ ପତ୍ର ଧରିକରି ସଖାଲର୍ ୮ ବଜେ ମହାନଗର୍ ନିଗମ୍

କାର୍ଯ୍ୟାଳୟ ନ ପୁହୁଁଚିବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଜୁ ପଟ୍ଟନାୟକ୍ ଶ୍ରାଦ୍ଧଦିବସ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ୍‌ଙ୍କର୍ ଆଏଜ୍ ୨୮ ନମ୍ବର୍ ତିରୋଧାନ୍ ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍‌ସରେ ରାଏଜେ ଶ୍ରଦ୍ଧାଞ୍ଜଳି ସଭା ହେଇଯାଇଛେ । ବିଧାନ୍‌ସଭା ପରିସର୍ ନ ମହାନ୍ ଜନନାୟକ୍ ବିଜୁ ପଟ୍ଟନାୟକଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀ ଆର୍ ବିଧାୟକ୍‌ମାନେ ଉପସ୍ଥିତ୍ ରହିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇତାର୍‌ସହେତେ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ବିଜୁ ପଟ୍ଟନାୟକଙ୍କର୍ ତିରୋଧାନ୍ ଦିବସ୍ କାର୍ଯ୍ୟକ୍ରମ୍ ହେବା ।

ବିଜୁ ପଟ୍ଟନାୟକ୍ ଶ୍ରାଦ୍ଧ ଦିବସ         ସୁବର୍ଣ୍ଣପୁର୍/ ବୌଦ୍ଧ

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ଆର୍ ସାମାଜିକ୍ ଅନୁଷ୍ଠାନ୍ ତର୍ଫୁ ଆଘର୍ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର୍ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ସୋନ୍ପୁର୍ ପଂଚରଥ ମନ୍ଦିର୍ ଛକ୍ ନ ଥିବା ବିଜୁ ପଟ୍ଟନାୟକଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ସେନ୍ତା ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଭିଲ୍ ବିଜୁ ବାବୁଙ୍କର୍ ଶ୍ରାଦ୍ଧଦିବସ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା ନ ଭିଲ୍ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ଆର୍ ସାମାଜିକ୍ ସଂଗଠନ୍ ତର୍ଫୁ ବିଜୁ ପଟ୍ଟନାୟକ୍ ଶ୍ରାଦ୍ଧ ଦିବସ୍ ହେଇଯାଇଛେ ।

ବିଜୁ ଜନତା ଦଲ୍‌ର ସଭାପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜୁ ଜନତା ଦଲ୍‌ର ସଭାପତି ପଦ୍ ଲାଗି ଇହାଦେର୍ ସଭାପତି ଦାୟିତ୍ୱଥି ଥିବା ନବୀନ୍ ପଟ୍ଟନାୟକ୍ ୯ ନମ୍ବର୍ ଥର୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ବିଜୁ ପଟ୍ଟନାୟକଙ୍କର୍ ୨୮ ନମ୍ବର୍ ପୁଣ୍ୟତିଥି ଅବ୍ସରେ ଭୁବନେଶ୍ୱର୍ ନ ଥିବା ଶଙ୍ଖ ଭବନ୍ ନ ଗୁଟେ ମାତ୍ର ପ୍ରାର୍ଥୀ ହିସାବେ ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଇ ଅବ୍ସରେ ଦଲର୍ ବହୁ ବିଶିଷ୍ଟ ନେତା ଉପସ୍ଥିତ୍ ଥିଲେ । ଆଏବା ୧୯ ତାରିଖ୍

ଦିନ ଆନୁଷ୍ଠାନିକ୍ ଭାବେ ସଭାପତିଙ୍କର୍ ନାଁ ଘୋଷ୍ନା କରାଯିବା ବଲି କୁହାଯାଇଛେ ।

ବିଶ୍ୱ ହେମୋଫିଲିଆ ଦିବସ୍ ଆର୍ଏନ୍ୟୁ/ କଟକ୍

ଆଏଜ୍ ବିଶ୍ୱ ହେମୋଫିଲିଆ ଦିବସ୍ ପାଲନ୍ କରାଯାଉଛେ । ଇ ରୋଗ୍ଥି ଆକ୍ରାନ୍ତ ବ୍ୟକ୍ତିମାନ୍କର୍ ଶରୀର୍ର କେନ୍ସି ଜାଗା ନ ରକ୍ତ ବାହାର୍ଲେ ସେଟା ସହଜେ ବନ୍ଦ୍ ନାଇଁ ହୁଏ । ସାରା ପୁର୍ଥି ନ ଇ ରୋଗ୍ ବାବ୍ଦେ ସଚେତନ୍ କର୍ବାର୍ ଲାଗି ଏପ୍ରିଲ୍ ୧୭ ତାରିଖ୍କେ ବିଶ୍ୱ ହେମୋଫିଲିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୯୮୯ ମସିହା ଏପ୍ରିଲ୍ ୧୭ ତାରିଖ୍ ଦିନ ପହେଲାଥର୍ ଲାଗି ବିଶ୍ୱ ହେମୋଫିଲିଆ ଦିବସ୍ ମହାସଂଘର୍ ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍ନାବେଲ୍ଙ୍କର୍ ଜନମ୍ଦିନ୍କେ ସମ୍ମାନ୍ ଜନେଇକରି ଇ ଦିବସ୍ର ପରିକଳ୍ପନା କରାଯାଇଥିଲା । ହେମୋଫିଲିଆ ଗୁଟେ ବଂଶାନୁକ୍ରମିକ ରକ୍ତସ୍ରାବ ବିଶୃଙ୍ଖଳା ଆଏ । ଯେନ୍ଟା ରକ୍ତ ଜମାଟ୍ ବାନ୍ଧୁଥିବା କାରକ ମାନ୍କର୍ ତ୍ରୁଟି ଲାଗି ହେସି । ଫି’ ୨୦ ହଜାର୍ ଲୁକ୍କର୍ ଭିତ୍ରେ ୩ ଝନ୍ ହେମୋଫିଲିଆ ରୋଗ୍ଥି ଆକ୍ରାନ୍ତ ଥିବାର୍ ଗୁଟେ ରିପୋର୍ଟ୍ନୁ ଜନାପଡ଼ିଛେ ।

ଓଡ଼ିଶା ସେତୁ କଲାହାଣ୍ଡି ସମ୍ବାଦଦାତା

ଓଡ଼ିଶା ସେତୁ ଆଉ ନିର୍ମାଣ ନିଗମ୍ ତର୍ଫୁ ଭବାନୀପାଟ୍ନା ନ ଖାଲି ସେତୁ ଆଉ ରାସ୍ତା କାମ୍ ଲାଗି ୪ ଶହ ୩୬ କୋଟି ଟଙ୍କାର୍ ଟେଣ୍ଡର୍ ଡକାଯାଇଛେ । ଉପଯୋଗୀତା ସ୍ଥାନାନ୍ତର୍, ଜମି ଅଧିଗ୍ରହଣ୍, ଜଙ୍ଗଲ୍ ପରିବର୍ତନ୍ ଲାଗି ୨ ଶହ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଜନାପଡ଼ିଛେ । ଇହାଦେ ଜିଲ୍ଲା ନ ଥିବା ସବୁ ଯାକର୍ ୨ ଲେନ୍ ସେତୁକେ ଭଙ୍ଗାଯାଇକରି ସେତାକେ ୬ ଲେନ୍ କରାଯିବା । ଯେନ୍‌ଥିର୍‌ଲାଗି ଖରିଆର୍ ଆର୍ ଭବାନୀପାଟ୍ନାକେ ଯା’ଆସ୍ ସୁବିଧା ହେଇପାର୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଭବାନୀପାଟ୍ନା ଓୟୁଏଟି ମୁଖ୍ୟ ଫାଟକ୍‌ନୁ ରାଜ୍‌ଖରିଆର୍‌ତକ୍ ୬୮ କିଲୋମିଟର୍ ୪ ଲେନ୍ ଲାଗି ଟେଣ୍ଡର୍ ପ୍ରକ୍ରିୟା ଇତାର୍ ଭିତ୍‌ରେ ଶେଷ୍ ହେଇଛେ ।

ସେକ୍ଟର୍ ସ୍ତରୀୟ ପୋଷଣ ପକ୍ଷ     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ ମୁଣ୍ଡେର୍ ଠାନେ ସିଡ଼ିପିଓଙ୍କର୍ କାର୍ଯ୍ୟାଳୟ ତର୍ଫୁ ସେକ୍ଟର୍ ସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜୀବନ୍‌ର ପହେଲା ହଜାରେ ଦିନ୍‌ର ଗୁରୁତ୍ୱ, ହିତାଧିକାରୀ ପଞ୍ଜିକରଣ୍ ମଡ୍ୟୁଲ୍‌ର ପ୍ରସାର୍, ପୁଷ୍ଟିହୀନ ଛୁଆମାନ୍‌କର୍ ଗୋଷ୍ଠୀ ଭିତିକ ପରିଚାଳନା ଆଉ ଛୁଆମାନ୍‌କର୍ ମେଦ ବହୁଲତା

ଦୂର୍ କର୍‌ବାର୍ ଲାଗି ସୁସ୍ଥ ଜୀବନ୍‌ଶୈଲୀର୍ ଅଭ୍ୟାସ୍ ବିଷୟବସ୍ତୁ ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଭିନ୍ ଭିନ୍ ଇଲାକାର୍ ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ଆର୍ ମା ମାନେ ଉପସ୍ଥିତ୍ ଥିଲେ । ପୋଷଣ୍ ଖାଦ୍ୟ ଉପ୍‌ରେ ଆଧାରିତ୍ ଗୁଟେ ଖାସ୍ ପ୍ରଦର୍ଶନୀ ଭିଲ୍ ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଏଜେ ଆଏବା ୪ ଦିନ୍‌ତକ୍ କେତେଟା ଜାଗା ନ ଧୁକାଗର୍ଜ୍ଜି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଇଥିର୍‌ଲାଗି ୨୨ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ୨୨ ତାରିଖ୍ ସଖାଲ୍‌ତକ୍ ରାଏଜେ କମ୍ ନୁ ମଧ୍ୟମ୍ ଧରଣ୍ ବର୍ଷା ସହେତେ ତାପମାତ୍ରା କମିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।